# NATIONAL NEWS BULLETIN (ODIA)

## 13 November - 2025

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ ବୋମା ବିସ୍ଫୋରଣ ଘଟଣାକୁ ନିନ୍ଦା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

– ପ୍ରୋଜେକ୍ଟ ଚିତା ଅଧୀନରେ ରାଷ୍ଟ୍ରପତିଙ୍କ ଉପସ୍ଥିତିରେ ପ୍ରତୀକାତ୍ମକ ଭାବରେ ଭାରତକୁ ଚିତା ବାଘ ହସ୍ତାନ୍ତର କଲା ବୋସ୍‌ୱାନା ।

- ବିହାର ବିଧାନସଭା ନିର୍ବାଚନ ଲାଗି ଆସନ୍ତାକାଲି ସକାଳ ୮ଟାରୁ ଆରମ୍ଭ ହେବ ଭୋଟ ଗଣତି ।
- ଆମେରିକାରେ ଚାଲିଥିବା ସବୁଠାରୁ ଦୀର୍ଘକାଳୀନ ସରକାରୀ ବନ୍ଦ ସମାପ୍ତ ହୋଇଥିବା ସୂଚନା ।
- ପାକିସ୍ତାନର କ୍ୱେଟା ଓ ଚମନ୍ ସମେତ ବେଲୁଚିସ୍ତାନର ଅନେକ ସ୍ଥାନରେ ମୋବାଇଲ୍ ଓ ଇଣ୍ଟରନେଟ୍ ସେବା ବନ୍ଦ ।

ଏବଂ

- ରାଜକୋଟ୍‌ରେ ଚାଲିଥିବା ପ୍ରଥମ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ-ଏ' ଦଳକୁ ୨୮୬ରନ୍‌ର ବିଜୟ ଲକ୍ଷ୍ୟ ଦେଲା ଦକ୍ଷିଣ ଆଫ୍ରିକା-ଏ' ଦଳ ।

## ରାଷ୍ଟ୍ରପତି-ବୋସଓ୍ୱାନା

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦିଲ୍ଲୀ ବୋମା ବିସ୍ଫୋରଣକୁ ନିନ୍ଦା କରିଛନ୍ତି ଏବଂ ଘଟଣାରେ ମୃତକଙ୍କ ପରିବାର ପ୍ରତି ସମବେଦନା ପ୍ରକାଶ କରିଛନ୍ତି। ଆଜି ବୋତସ୍ୱାନାରେ ଭାରତୀୟ ବଂସୋଭବଙ୍କୁ ସମ୍ବୋଧିତ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ ସମସ୍ତ ପ୍ରକାର ଆତଙ୍କବାଦୀ କାର୍ଯ୍ୟକଳାପ ପ୍ରତି ଶୂନ୍ୟ ସହନଶୀଳ ନୀତି ଅବଲମ୍ବନ କରୁଛି।

**V/O-president on Dehli Blast**

ଭାରତୀୟ ସମ୍ପ୍ରଦାୟଙ୍କୁ ସମ୍ବୋଧିତ କରିବା ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି, ଉଭୟ ଦେଶ ଆସନ୍ତା ବର୍ଷ କୂଟନୈତିକ ସମ୍ପର୍କର ୬୦ ବର୍ଷ ପୂର୍ତ୍ତି ପାଳନ କରିବେ।

**V/O-president Cut 2**

## ବୋସଓ୍ୱାନା ରାଷ୍ଟ୍ରପତି-ଚିତା

ବୋସଓ୍ୱାନା ଆଜି ପ୍ରୋଜେକ୍ଟ ଚିତା ଅଧୀନରେ ପ୍ରତୀକାତ୍ମକ ଭାବରେ ଭାରତକୁ ଚିତା ବାଘ ହସ୍ତାନ୍ତର କରିଛି। ଗାବୋରୋନ ନିକଟସ୍ଥ ଏକ ପ୍ରକୃତି ସଂରକ୍ଷଣ କେନ୍ଦ୍ରରେ ଆୟୋଜିତ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ବୋସଓ୍ୱାନା ରାଷ୍ଟ୍ରପତି ଡୁମା ବୋକୋ ଉପସ୍ଥିତ ଥିଲେ। ଭାରତକୁ ପଠାଯିବା ପୂର୍ବରୁ ଚିତାଗୁଡ଼ିକୁ କିଛି ସମୟ ପାଇଁ କ୍ୱାରେଣ୍ଟାଇନରେ ରଖାଯିବ। ବୋସଓ୍ୱାନା ଭାରତର ଚିତା ସଂଖ୍ୟା ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ଆଠଟି ଚିତା ହସ୍ତାନ୍ତର କରିବ।

ପ୍ରୋଜେକ୍ଟ ଚିତା ହେଉଛି ଏକ ଅନନ୍ୟ ପଦକ୍ଷେପ ଯାହା ପ୍ରାୟ ଏକ ଦଶନ୍ଧି ପରେ ଭାରତରେ ଚିତା ବାଘ ସଂଖ୍ୟା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ୨୦୨୨ ସେପ୍ଟେମ୍ବର, ନାମ୍ବିଆରୁ ୮ଟି ଚିତା ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନକୁ ଅଣାଯାଇଥିଲା। ୨୦୨୩ରେ ଦକ୍ଷିଣ ଆଫ୍ରିକାରୁ ୧୨ଟି ଚିତା ଅଣାଯାଇଥିଲା।

## ବିହାର-କାଉଣ୍ଟିଂ

ନିର୍ବାଚନ ଆୟୋଗ କହିଛନ୍ତି, ବିହାର ବିଧାନସଭା ନିର୍ବାଚନରେ ୧୯୫୧ ପରଠାରୁ, ସର୍ବାଧିକ ୬୭.୩୧ ପ୍ରତିଶତ ମତଦାନ ରେକର୍ଡ

କରାଯାଇଛି। ଆସନ୍ତାକାଲି ସୁରୁଖୁରୁରେ ଭୋଟ-ଗଣନା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ଆୟୋଗ କହିଛନ୍ତି, ୪ ହଜାର ୩୭୨ଟି ଗଣନା ଟେବୁଲରେ ସମସ୍ତ ୨୪୩ ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟ ଗଣନା ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଟେବୁଲରେ ଜଣେ ଗଣନା ସୁପରଭାଇଜର, ଗଣନା ସହାୟକ ଏବଂ ମାଇକ୍ରୋ-ଅବଜରଭର ଏବଂ ପ୍ରାର୍ଥୀଙ୍କ ଦ୍ୱାରା ନିଯୁକ୍ତ ୧୮ ହଜାରରୁ ଅଧିକ ଗଣନା ପ୍ରତିନିଧି ମଧ୍ୟ ରହିବେ। ସକାଳ ୮ଟାରେ ଗଣନା ଆରମ୍ଭ ହେବ। ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ପ୍ରଥମେ ପୋଷ୍ଟାଲ୍ ବାଲଟ୍ ଗଣନା ହେବା ପରେ ସକାଳ ୮ଟା ୩୦ ମିନିଟରେ ଇଭିଏମ୍ ଗଣନା ଆରମ୍ଭ ହେବ। ଇଭିଏମ୍ ଗଣନା ସମୟରେ, କଣ୍ଟ୍ରୋଲ ୟୁନିଟ ଗୁଡିକୁ ଗଣନା ଟେବୁଲକୁ ଅଣାଯାଇ ଫର୍ମ ୧୭ସି - ଭାଗ ୧ରେ ଥିବା ରେକର୍ଡ ସହିତ ଏହାର କ୍ରମିକ ସଂଖ୍ୟା ମେଳ ଖାଉଛି କି ନାହିଁ ଯାଞ୍ଚ କରାଯିବ। ଯଦି ମେଳ ନ ହୁଏ, ତେବେ ସେହି ମତଦାନ କେନ୍ଦ୍ରର ଭି.ଭି.ପ୍ୟାଟ୍ ସ୍ଲିପ୍ ବାଧ୍ୟତାମୂଳକ ଭାବରେ ଗଣନା କରାଯିବ। ଗଣତି ଫଳାଫଳ ନିର୍ବାଚନ ଆୟୋଗ ୱେବସାଇଟ results.eci.gov.inରେ ଉପଲବ୍ଧ ହେବ।

ଆୟୋଗ କହିଛନ୍ତି, ବିହାର ବିଧାନସଭା ନିର୍ବାଚନରେ କୌଣସି ପ୍ରାର୍ଥୀ କିମ୍ବା ରାଜନୈତିକ ଦଳ ପୁନଃନିର୍ବାଚନ ପାଇଁ ଅନୁରୋଧ କରିନାହାନ୍ତି। ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ

କୌଣସି ଅପିଲ ଆସି ନାହିଁ ଏବଂ ଚୂଡ଼ାନ୍ତ ଭୋଟର ତାଲିକାରେ ୭ କୋଟି ୪୫ ଲକ୍ଷ ୨୬ ହଜାର ୮୫୮ ଜଣ ଭୋଟରଙ୍କ ନାମ ରହିଥିବା ଆୟୋଗ କହିଛନ୍ତି ।

## ଇସି-ଏସ୍ଆଇଆର୍

ନିର୍ବାଚନ କମିଶନ ଆଜି ସୂଚନା ଦେଇଛନ୍ତି ଯେ ଚଳିତ ମାସ ୪ ତାରିଖରେ ସ୍ୱତନ୍ତ୍ର ସଘନ ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବା ପରଠାରୁ ଭୋଟରଙ୍କ ମଧ୍ୟରେ ୪୨ କୋଟିରୁ ଅଧିକ ଗଣନା ଫର୍ମ ବଣ୍ଟନ କରାଯାଇଛି । ଏହି ପର୍ଯ୍ୟାୟରେ ସାମିଲ ହେବାକୁ ଥିବା ମୋଟ ୫୧ କୋଟି ଭୋଟରଙ୍କ ମଧ୍ୟରୁ ଏହା ୮୨ ଦଶମିକ ୭୧ ପ୍ରତିଶତ । ଉତ୍ତର ପ୍ରଦେଶରେ ସର୍ବାଧିକ ୧୨ କୋଟି ୩୩ ଲକ୍ଷରୁ ଅଧିକ ଫର୍ମ ପ୍ରଦାନ କରାଯାଇଥିବା ବେଳେ ପଶ୍ଚିମବଙ୍ଗରେ ୭ କୋଟି ୧୪ ଲକ୍ଷରୁ ଅଧିକ ଫର୍ମ ଦିଆଯାଇଛି । ଦ୍ୱିତୀୟ ପର୍ଯ୍ୟାୟରେ, ନିର୍ବାଚନ କମିଶନ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ସଘନ ସଂଶୋଧନ ଆରମ୍ଭ କରିଛି । ଚଳିତ ଗଣନା ପର୍ଯ୍ୟାୟ ଆସନ୍ତା ମାସ ୪ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

## ଡବ୍ଲ୍ୟୁଏଚ୍‌ଓ-ଏମସ୍

ନୂଆଦିଲ୍ଲୀର ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଆଜି ମହାମାରୀ ପ୍ରସ୍ତୁତି ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସମ୍ପର୍କିତ ସାଇଟ୍ ଆରମ୍ଭ କରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ - ହୁ' ସୂଚନା ଦେଇଛି ଯେ ଯେକୌଣସି ମହାମାରୀ ସମୟରେ ସମୟୋଚିତ ଜନସ୍ୱାସ୍ଥ୍ୟ ପଦକ୍ଷେପ ପାଇଁ ଶୀଘ୍ର ତଦନ୍ତ ଏବଂ ଅଧ୍ୟୟନ କରିବା ପାଇଁ ଏପରି ସାଇଟ୍‌ଗୁଡ଼ିକର ଏକ ବିଶ୍ୱବ୍ୟାପୀ ନେଟୱାର୍କ ପ୍ରତିଷ୍ଠା କରାଯାଉଛି। ଉଦ୍‌ଘାଟନ ସମାରୋହ ସମୟରେ, ଭାରତରେ 'ହୁ' ପ୍ରତିନିଧି, ପେଡେନ୍ ଏବଂ ଏମ୍ସ'ର ନିର୍ଦ୍ଦେଶକ ଡକ୍ଟର ଏମ ଶ୍ରୀନିବାସ ଉପସ୍ଥିତ ଥିଲେ। ସେ ସୂଚନା ଦେଇଛନ୍ତି ଯେ ଏହି ସାଇଟ୍ ମହାମାରୀ ନଥିବା ସମୟରେ ମଧ୍ୟ କାର୍ଯ୍ୟ କରିବ, ଯାହା ସୁନିଶ୍ଚିତ କରିବ ଯେ ବ୍ୟବସ୍ଥା ସୁଦୃଢ଼ ରହିବ ଏବଂ ଆବଶ୍ୟକ ହେଲେ ପ୍ରଭାବଶାଳୀ ଭାବରେ ପଦକ୍ଷେପ ନେବାକୁ ପ୍ରସ୍ତୁତ ରହିବ।

## ଆମେରିକା-ସର୍ଟ୍‌ଡାଉନ୍

ଆମେରିକାରେ ଚାଲିଥିବା ସବୁଠାରୁ ଦୀର୍ଘକାଳୀନ ସରକାରୀ ବନ୍ଦ ସମାପ୍ତ ହୋଇଛି। ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଫେଡେରାଲ୍ କାର୍ଯ୍ୟ ପାଇଁ

ଅସ୍ଥାୟୀ ପାଣ୍ଠି ପ୍ରଦାନ କରୁଥିବା ଏକ ବିଲ୍‌ରେ ସ୍ୱାକ୍ଷର କରିବା ପରେ ସର୍ଟ୍‌ଡାଉନ ଶେଷ ହୋଇଛି। ସିନେଟ୍ ବିଲକୁ ମଞ୍ଜୁର କରିଛି, ଯାହା ରିପବ୍ଲିକାନ୍ ଏବଂ ଡେମୋକ୍ରାଟ୍ ମଧ୍ୟରେ ୪୩ ଦିନର ଅଚଳାବସ୍ଥାର ଅନ୍ତ ଘଟାଇଛି।

ତେବେ ଏହା ଡେମୋକ୍ରାଟ୍ସଙ୍କ ପାଇଁ ଏକ ପରାଜୟ, କାରଣ ପୂର୍ବତନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ କାର୍ଯ୍ୟକାଳରେ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ବୀମା କାର୍ଯ୍ୟକ୍ରମ 'ଓବାମାକେୟାର' ପାଇଁ ସବ୍‌ସିଡି ବୃଦ୍ଧି କରିବାକୁ ସେମାନଙ୍କର ଦାବି ଗ୍ରହଣ କରାଯାଇ ନଥିଲା। ବଜେଟ୍ ପାସ୍ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ପାଣ୍ଠି ବିଲ୍ ସିନେଟରେ ଅଟକି ରହିଥିଲା କାରଣ ସଂଖ୍ୟାଗରିଷ୍ଠ ରିପବ୍ଲିକାନ୍ ଦଳ ଏହାକୁ ପାସ୍ କରିବା ପାଇଁ ଆବଶ୍ୟକ ୬୦ଟି ଭୋଟ୍ ଅଭାବ ହୋଇଥିଲା।

## ବେଲୁଚିସ୍ତାନ-ଇଣ୍ଟରନେଟ୍ ସସ୍‌ପେଣ୍ଡ

ପାକିସ୍ତାନ ସରକାର କ୍ୱେଟା ଏବଂ ଚମନ ସମେତ ବେଲୁଚିସ୍ତାନର ଅନେକ ଜିଲ୍ଲାରେ ତିନି ଦିନ ପାଇଁ ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ସେବା ବନ୍ଦ କରିଛନ୍ତି। ଏହି ବନ୍ଦ ଯୋଗୁଁ ବେଲୁଚିସ୍ତାନର ବାସିନ୍ଦାଙ୍କ ଯୋଗାଯୋଗ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହୋଇଛି। କର୍ତ୍ତୃପକ୍ଷ କହିଛନ୍ତି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ

ସେମାନେ କ୍ୱେଟାରେ ମୋବାଇଲ୍ ଡାଟା ସେବା ବନ୍ଦ କରିଛନ୍ତି। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଜାରି ରହିଥିବା ବନ୍ଦ ଯୋଗୁଁ ସ୍ଥାନୀୟ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଇଣ୍ଟରନେଟ୍ ବନ୍ଦ ଯୋଗୁଁ ସେମାନଙ୍କ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି ବୋଲି ଅନ୍‌ଲାଇନ୍ ବ୍ୟବସାୟ, ଫ୍ରିଲାନ୍ସିଂ ଏବଂ ଡିଜିଟାଲ୍ ସେବା ସହିତ ଜଡ଼ିତ ଲୋକମାନେ ଚିନ୍ତା ପ୍ରକଟ କରିଛନ୍ତି। ସେଠାକାର ଅଧିବାସୀମାନେ କହିଛନ୍ତି ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ ହେବା ଫଳରେ ଯୋଗାଯୋଗ ଏବଂ ଅନ୍ୟାନ୍ୟ ଜରୁରୀ ଦୈନନ୍ଦିନ କାର୍ଯ୍ୟକଳାପ ବାଧାପ୍ରାପ୍ତ ହୋଇଛି।

## ଗୋୟଲ୍-କାନାଡ଼ା-ନେପାଳ ମିଟ୍

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଆଜି ନୂଆଦିଲ୍ଲୀରେ ନେପାଳ ପ୍ରତିପକ୍ଷ ଅନିଲ କୁମାର ସିହ୍ନାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି। ଏହି ବୈଠକ ସମୟରେ ଉଭୟ ଦେଶ ଭାରତ ଏବଂ ନେପାଳ ମଧ୍ୟରେ ପରିବହନ ଚୁକ୍ତିର ପ୍ରୋଟୋକଲ ସଂଶୋଧନ କରି ଲେଟର ଅଫ୍ ଏକ୍ସଚେଞ୍ଜ ଆଦାନପ୍ରଦାନ କରିଛନ୍ତି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି ଏହି ପଦକ୍ଷେପ ଯୋଗବାନୀ-ବିରାଟନଗର ରେଳ ଲିଙ୍କ ସହିତ ଅଧିକ ପରିମାଣର ପରିବହନ ବ୍ୟବସ୍ଥାକୁ ନେଇ ରେଳ ଯୋଗାଯୋଗକୁ ସକ୍ଷମ କରିବ।

ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ଗୋୟଲ ନୂଆଦିଲ୍ଲୀରେ କାନାଡାର ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁଙ୍କ ସହ ଏକ ବୈଠକରେ ଅଧ୍ୟକ୍ଷତା କରିଥିଲେ। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ଯେ ଏହି ବୈଠକ ବାଣିଜ୍ୟ ଏବଂ ନିବେଶ ଉପରେ ସପ୍ତମ ଭାରତ-କାନାଡା ମନ୍ତ୍ରୀସ୍ତରୀୟ ଆଲୋଚନାର ଏକ ଅଂଶ ଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ବୈଠକ ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ବାଣିଜ୍ୟକୁ ମଜବୁତ କରିବା, ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ଭାରତ ଓ କାନାଡା ମଧ୍ୟରେ ସହଯୋଗକୁ ଆହୁରି ଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ।

# କ୍ରିକେଟ୍

ରାଜକୋଟ୍‌ରେ ଖେଳାଯାଉଥିବା ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା-ଏ’ ଦଳ ଭାରତକୁ ୨୮୬ରନ୍‌ର ବିଜୟ ଲକ୍ଷ୍ୟ ଦେଇଛି । ଦକ୍ଷିଣ ଆଫ୍ରିକା-ଏ’ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୯ଟି ୱିକେଟ୍ ହରାଇ ୨୮୫ରନ୍ ସ୍କୋର କରିଛି । ଏହାର ଜବାବରେ ଭାରତ-ଏ’ ଦଳ ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ୮ ଓଭରରେ କୌଣସି ୱିକେଟ୍ ନ ହରାଇ ୫୨ରନ୍ କରିଛି ।

ଅନ୍ୟ ପକ୍ଷରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ କ୍ରିକେଟ୍ ସିରିଜ୍ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍ ଆସନ୍ତାକାଲି କୋଲକାତାର ଇଡେନ୍‌ଗାର୍ଡେନ୍ ଠାରେ ଖେଳାଯିବ । ଶୁଭମନ ଗିଲ୍ ଭାରତୀୟ ଦଳର ଅଧିନାୟକତ୍ୱ କରୁଥିବା ବେଳେ ଦକ୍ଷିଣ ଆଫ୍ରିକା ନେତୃତ୍ୱ ନେଉଛନ୍ତି ଟେମ୍ବା ବାବୁମା ।